# ନୃସିଂହ ଗୁରୁ ସ୍ମରଣେ

✓ ଡଃ ଶ୍ରଦ୍ଧାକର ସୂପକାର

ସ୍ମୃତିର ଚକ୍ରବାଳରେ ପ୍ରଥମ ଉଦିତ ହୁଅନ୍ତି ନୃସିଂହ ଗୁରୁ ୧୯୨୧ ମସିହାରେ । ଏବର ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟ ଥିଲା ସେ କାଳରେ ସମ୍ବଲପୁର ଜିଲ୍ଲାସ୍କୁଲ । ସେତେବେଳେ ସାରା ଓଡିଶାରେ ହାଇସ୍କୁଲ ସଂଖ୍ୟା ଥିଲା ସୀମିତ । ଘୁମନ୍ତ ସହର ମହାତ୍ମା ଗାନ୍ଧୀଙ୍କ ମାଙ୍ଗଳିକ ସାହାନାଇ ବାଦନରେ ଜାଗି ଉଠିଲା । ଅସହଯୋଗ ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟ ସରକାରୀ ସ୍କୁଲ, କଚେରୀ ଛାଡ । ତାହା ପୂର୍ବରୁ ମଧ ସମ୍ବଲପୁର ସହରର ଜନ ଜାଗରଣ କଥା ସାମାନ୍ୟ ମନେ ଅଛି । ଜାଲିଆନାବାଲାବାଗ୍ ହତ୍ୟାକାଣ୍ଡର ପ୍ରତିବାଦରେ ସହରରେ ହରତାଳ । "ହରତାଳ" ଶବ୍ଦଟି ନୂଆ ସୃଷ୍ଟି ହେଲା ପରି ମନେ ହେଉଥାଏ । ଲୋକମାନ୍ୟ ବାଲ ଗଂଗାଧର ତିଲକଙ୍କ ତିରୋଧାନ ପରେ ସହରରେ ବିରାଟ ଶୋଭାଯାତ୍ରା ।

ପଣ୍ଡିତ ନୀଳକଣ୍ଠଙ୍କର ଆତ୍ମଜୀବନୀରେ ସମ୍ବଲପୁର ଫ୍ରେଜର କ୍ଲବରେ ଜାତୀୟ ବିଦ୍ୟାଳୟର ଜନ୍ମ ଉତ୍ସବ ବର୍ଣ୍ଣନା କରାଯାଇଛି । ଜିଲ୍ଲା ସ୍କୁଲ ଫ୍ରେଜର କ୍ଲବ ପାଖାପାଖି । ଜିଲ୍ଲା ସ୍କୁଲରୁ ବହୁ ଛାତ୍ର ସ୍କୁଲ ବର୍ଜନ କରି ଜାତୀୟ ବିଦ୍ୟାଳୟରେ ନାମ ଲେଖାଇଲେ । ସେମାନଙ୍କ ମଧ୍ୟରେ ଥିଲେ ନୃସିଂହ ଗୁରୁ । ଜିଲ୍ଲା ସ୍କୁଲ ହେଡ୍‌ମାଷ୍ଟର ନିମାପଡା ନିବାସୀ ମଧୁସୂଦନ ଦାଶ ଅନାଇଥାନ୍ତି । ସେ ପଟେ ଜାତୀୟ ବିଦ୍ୟାଳୟର ହେଡ୍‌ମାଷ୍ଟର ପଣ୍ଡିତ ନୀଳକଣ୍ଠ ଦାସ ।

ଜାତୀୟ ବିଦ୍ୟାଳୟରୁ ବୋଧହୁଏ ଥରେ ମେଟ୍ରିକ ପରୀକ୍ଷା ହୋଇ ଥିବାର ମନେ ପଡୁଛି । ବୋଧହୁଏ ତିନି ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ । ସେଥିରୁ ଜଣେ ହେଲେ ନୃସିଂହ ଗୁରୁ । ଏହା ଛଡା ବରଗାଁର ଦାମୋଦର ପାଢୀ ଏବଂ ସତଲମାର ଅରୁଣ ଦାଶ ମଧ ଅନ୍ୟତମ ।

ଶାସନ ପାଖରେ ଏକ ଚାଷୀ ଉତ୍କଳୀୟ ବ୍ରାହ୍ମଣ ପରିବାରରେ ନୃସିଂହ ଗୁରୁଙ୍କ ଜନ୍ମ । ଦୁର୍ଗା ପ୍ରସାଦ ଗୁରୁ ନୃସିଂହ ବାବୁଙ୍କର ସାନ ଭାଇ । ବିବାହର କେତେ ବର୍ଷ ପରେ ଦୁର୍ଗା ବାବୁ ଇହଲୋକରୁ ବିଦାୟ ନେଲେ । ଦୁର୍ଗା ଗୁରୁ ମଧ ଜଣେ ନିଷ୍ପାପର କଂଗ୍ରେସ କର୍ମୀ ଓ ଏକାଧିକ ବାର ଜେଲ ବରଣ କରିଛନ୍ତି ।

ଚନ୍ଦ୍ର ଶେଖର ବେହେରା ସମ୍ବଲପୁର ଜିଲ୍ଲାର ଅପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ନେତା । ସେ ସମ୍ବଲପୁର ମ୍ୟୁନିସିପାଲିଟିର ଚେୟାରମେନ୍ ମଧ ଥିଲେ । ଚନ୍ଦ୍ର ଶେଖର ବେହେରା ନୃସିଂହ ବାବୁଙ୍କୁ ଭଲ ପାଉଥିଲେ । ନୃସିଂହ ବାବୁଙ୍କ ପଢା ସରିଗଲା ପରେ ସେ କିଛି ସମୟ ମ୍ୟୁନିସିପାଲିଟିରେ କାମ କରିଥିଲେ ।

ସେ ଅସହଯୋଗ ଆନ୍ଦୋଳନରେ କାରାବରଣ କରିଥିଲେ । ପରେ ୧୯୩୦-୩୧ ରେ ସତ୍ୟାଗ୍ରହ ଆନ୍ଦୋଳନରେ ଓ ୧୯୪୨ ଭାରତଛାଡ ଆନ୍ଦୋଳନରେ ମଧ କାରାବରଣ କରିଥିଲେ ।

ମହାତ୍ମା ଗାନ୍ଧୀ ୧୯୨୧ରେ ଓ ତତ୍‌ପୂର୍ବରୁ ମଧ ସ୍ୱଦେଶୀ ପ୍ରଚାର କରିଥିଲେ । ସମସ୍ତ କଂଗ୍ରେସ କର୍ମୀ ଓ ନେତା ଖଦଡ ପିନ୍ଧୁଥିଲେ ଓ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରୁଥିଲେ । ନୃସିଂହ ବାବୁ ସ୍ୱଦେଶୀକୁ ଏକ ବ୍ୟାପକତର ଅର୍ଥରେ ବୁଝିଥିଲେ । ସେତେବେଳେ ଚିନି କଳ ମାନ ଥିଲା ବିଦେଶୀ ଯନ୍ତ୍ରରେ ତିଆରି । ତେଣୁ ନୃସିଂହ ବାବୁ ଚିନିକୁ ବର୍ଜନ କରି ଗୁଡ ବ୍ୟବହାର କଲେ ଆଜୀବନ । ଛତାରେ ବିଦେଶୀ କନା ବ୍ୟବହାର ହେଉଥିଲା । ନୃସିଂହ ବାବୁ କଳ ଛତା ଜୀବନରେ କେବେ ବ୍ୟବହାର କରି ନ ଥିଲେ । ବର୍ଷାରେ ତାଳପତ୍ର ଛତା ବ୍ୟବହାର କରୁଥିଲେ । ସେ ଯୋତା ବ୍ୟବହାର କରୁ ନ ଥିଲେ । ମଫସଲ ଅଂଚଳରେ ବୁଲିବା ଭିନ୍ନ କଥା କିନ୍ତୁ ପ୍ରଚଣ୍ଡ ଗ୍ରୀଷ୍ମ କାଳରେ ଦିନ ଦିପହରେ ସହରର ପିଚ୍ ଦିଆ ରାସ୍ତାରେ ଖାଲି ପାଦରେ ଚାଲିବା ଯେ କେତେ କଷ୍ଟଦାୟକ ତାହା ଅନୁଭବୀ ମାତ୍ରେ ଜାଣି ପାରିବେ । ଦୃଢ ବ୍ରତଚାରୀ ମନୋଭାବ ଯୋଗୁ ନୃସିଂହ ବାବୁ ସମସ୍ତଙ୍କର ପ୍ରଶଂସାର ପାତ୍ର ଥିଲେ । ପୂର୍ବେ ପ୍ରାୟ ସବୁ କଂଗ୍ରେସ କର୍ମୀ ସୂତା କାଟୁଥିଲେ । ଘରେ ଚରଖା ରେ ସୂତା କାଟିବା ସଂଗେ ସଂଗେ କୌଣସି ଠାକୁ ସାମ୍ବାଦିକ ହିସାବରେ ଗଲେ ତାକୁଡି ଓ ବଳଣା ସଙ୍ଗରେ ଧରି ଯାଉଥିଲେ ଓ ସାମାନ୍ୟ ଅବସର ପାଇଲେ ତାକୁଡିରେ ସୂତା କାଟୁଥିଲେ ।

ଠକ୍କର ବାପାଙ୍କର ନିର୍ଦ୍ଦେଶରେ ସେ ସମ୍ବଲପୁର ଜିଲ୍ଲା ହରିଜନ ସେବକ ସଂଘର ସମ୍ପାଦକ ଥିଲେ ଓ ବର୍ତ୍ତମାନର ଗଂଗାଧର ମେହେର କଲେଜ ପରେ ରେଳ ଲାଇନ ପାର ହେଲେ ଯେଉଁ ହରିଜନ ଛାତ୍ରାବାସ ପୂର୍ବେ ଥିଲା,ସେହି ଛାତ୍ରା ବାସର ସେ ଥିଲେ ତତ୍ତ୍ୱାବଧାରକ । ବହୁ ହରିଜନ ଛାତ୍ରଙ୍କର ସେ ତତ୍ତ୍ୱାବଧାରକ ଥାଇ ସେମାନଙ୍କର ଉନ୍ନତିରେ ସାହାଯ୍ୟ କରିଥିଲେ । ସେମାନଙ୍କ ମଧ୍ୟରେ ଉଚ୍ଚ ସରକାରୀ ଚାକିରୀରୁ ଏବେ ଅବସର ଗ୍ରହଣ କରିଥିବା ଶ୍ରୀ ଘନଶ୍ୟାମ ବେସନ ଅନ୍ୟତମ ।

ସମ୍ବାଦିକତା କ୍ଷେତ୍ରରେ ସେ ଜଣେ ଆଦର୍ଶ ସାମ୍ବାଦିକ ଥିଲେ । ସେ ବହୁ ବର୍ଷ ଧରି ପ୍ରାୟ ଜୀବନର ଶେଷକାଳ ପର୍ଯ୍ୟନ୍ତ ସମାଜ ପତ୍ରିକାର ସମ୍ବଲପୁର ସମ୍ବାଦଦାତା ଓ ଏଜେଣ୍ଟ ମଧ ଥିଲେ । ପିଟି.ଆଇ.କୁ ମଧ ସେ ସମ୍ବାଦ ପଠାଉ ଥିଲେ । ସେ ସବୁବେଳେ ତାଜା, ନିର୍ଭୁଲ ଏବଂ ସ୍ୱୟଂପୂର୍ଣ୍ଣ ସମ୍ବାଦ ପଠାଉ ଥିଲେ- ଯାହା ଫଳରେ ସମଗ୍ର ସମ୍ବଲପୁର ଜିଲ୍ଲାରେ ପତ୍ରିକା ହିସାବରେ "ସମାଜ"ର ଖ୍ୟାତି ଓ ପ୍ରସାର ବୃଦ୍ଧି ପାଇଲା ।

ହରିଜନ ସେବକ ଥାଇ ମଧ ସେ ଥିଲେ ନୈଷ୍ଠିକ ବ୍ରାହ୍ମଣ । ଦଶହରା ମାସରେ ପ୍ରତ୍ୟହ ତର୍ପଣ, ବର୍ଷ ସାରା, ସନ୍ଧ୍ୟୋପାସନା, ନିଷ୍ପାପର ଜୀବନର ବ୍ରତ ଥିଲା ।

ସରଳ ଜୀବନ ଯାପନ,ଆଣ୍ଠୁ ଲୁଚୁ ନଥିବା ଧୋତି ବ୍ୟବହାର ଓ କୁର୍ତ୍ତା କାମିଜ ବ୍ୟବହାର କରୁ ନ ଥିବା ଯୋଗୁ ତାଙ୍କ ଚେହେରା ଓ ବେଶଭୂଷା କେତେକାଂଶରେ ମହାତ୍ମା ଗାନ୍ଧୀଙ୍କର ଚେହେରା ଓ ବେଶଭୂଷାର ଅନୁରୂପ ଥିଲା । ତାଙ୍କୁ "ପଶ୍ଚିମ ଓଡିଶାର ଗାନ୍ଧୀ" କହିଲେ ଅତ୍ୟୁକ୍ତି ହେବ ନାହିଁ ।